## ସଂକ୍ଷେପରେ

### ବେଆଇନ ଇଟାଭାଟିରେ ଚଢ଼ାଉ ୧.୯୩ ଲକ୍ଷ ଟଙ୍କା ଜରିମାନା ଆଦାୟ



**ପରଜଙ୍ଗ, ୧୧।୨(ଡି.ଏନ.ଏ.)** ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ପ୍ରଶାସନ ପକ୍ଷରୁ ବ୍ରାହ୍ମଣୀ ନଦୀ କୂଳରେ ଗଢ଼ିଉଠିଥିବା ବେଆଇନ ଇଟାଭାଟି ଉପରେ ଚଢ଼ାଉ ଜାରି ରହିଛି। ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ନେତୃତ୍ୱରେ ମଙ୍ଗଳବାର ଖାଲପାଳ ଗ୍ରାମ ନିକଟ ନଦୀକୂଳରୁ ବ୍ୟାପକ ପରିମାଣର ଇଟା ଜେସିବି ସହାୟତାରେ ନଷ୍ଟ କରାଯାଇଛି। ୮ଜଣ ବେଆଇନ ଇଟାଭାଟି ମାଲିକଙ୍କଠାରୁ ୧ ଲକ୍ଷ ୯୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅବଶିଷ୍ଟ ଜରିମାନା ଟଙ୍କା ୭ଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ଜମା କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଥର ଗଢ଼ାଯାଇଥିବା ଇଟା ଉପରୁ ଉକ୍ତ ଜରିମାନା ଆଦାୟ ହୋଇଛି। ପୁନର୍ବାର ଇଟା ନ ଗଢ଼ିବାକୁ ତାଗିଦ୍ କରାଯାଇଛି। ଇଟା ଗଢ଼ାଯାଉଥିବା ସ୍ଥାନରେ ନାଲି ପତାକା ପୋତାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଚଢ଼ାଉରେ ଅତିରିକ୍ତ ତହସିଲଦାର ରାମକୃଷ୍ଣ ମହନ୍ତ, ସୁପରଭାଇଜର ମିନତି ବାଘ ସିଂ, ବରିଷ୍ଠ କିରାଣି ସୁବ୍ରତ ସିଂ, କୁଆଲୋ ଆର୍‌ଆଇ ଅପର୍ଣ୍ଣା ପ୍ରିୟଦର୍ଶିନୀ, ଏଆରଆଇ ଦୀନେଶ ସିଂଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ। ଏଥିପୂର୍ବରୁ ଜଟିଆ ଗ୍ରାମର ୧୨ ଜଣ ଇଟାଭାଟି ମାଲିକଙ୍କଠାରୁ ୩ ଲକ୍ଷ ୮୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅନ୍ୟପଟେ ଗେଙ୍ଗୁଟିଆ ଆର୍‌ଆଇ ସର୍କଲ ଅଧୀନ କୁଲେଇ ବଅଁରପାଳ ଅଞ୍ଚଳରେ ମଧ୍ୟ ଅନେକ ବେଆଇନ ଇଟାଭାଟି ଚାଲିଛି। ଏଗୁଡ଼ିକୁ ଭାଙ୍ଗିବାକୁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, କୁଆଲୋ ଆର୍‌ଆଇ ସର୍କଲ ଅଧୀନରେ ଚଳିତବର୍ଷ ଶତାଧିକ ବେଆଇନ ଇଟାଭାଟି ଗଢ଼ିଉଠିଛି। ଚୋରା କୋଇଲା ସହାୟତାରେ ଇଟା ପୋଡ଼ାଯାଉଥିବାରୁ ପ୍ରଦୂଷଣ ବଢୁଛି। ଲାଭଖୋର ଇଟାଭାଟି ମାଲିକ ନଦୀପଠାରୁ ମାଟି ଖୋଳି ଇଟା ତିଆରି କରୁଛନ୍ତି। ଫଳରେ ବର୍ଷାଦିନେ ଘାଇ ସୃଷ୍ଟି ହୋଇ ଜନବସତିରେ ବନ୍ୟାପାଣି ପଶୁଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ତହସିଲ ପ୍ରଶାସନ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଦୁର୍ଗମ ଇଲାକାରେ ନେତା, ପ୍ରଶାସକ

■ଲୋକଙ୍କ ସହ ମିଶି ଆଲୋଚନା କଲେ

■ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ

**କାମାକ୍ଷାନଗର, ୧୧।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଏକୁଲ, ସେକୁଲ, କୋଟ, ପୁଟିପାଳ ଗ୍ରାମରେ ମଙ୍ଗଳବାର ନେତା ଏବଂ ପ୍ରଶାସକ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଅଧିକାରୀ ଏବଂ ଜନପ୍ରତିନିଧିମାନେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସମସ୍ୟା ସମାଧାନ କରିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି।

କଙ୍କଡ଼ାହାଡ଼ ସଦରଠାରୁ ୨୦ କିମି ଦୂରରେ ଅବସ୍ଥିତ କାନ୍ତୋଲ ପଞ୍ଚାୟତବାସୀଙ୍କ ପାଖରେ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ଭୌଗୋଳିକ ପରିବେଶ ଏବଂ ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଉକ୍ତ ଗ୍ରାମଗୁଡ଼ିକୁ ଯାତାୟାତ ପାଇଁ ପକ୍କା ରାସ୍ତା ନାହିଁ। ବର୍ଷା ୪ମାସ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଏ। ଲୋକମାନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଆନ୍ତି। କେବଳ ନିର୍ବାଚନ ଆସିଲେ ଖୋଜାପଡ଼ନ୍ତି ସମ୍ପୃକ୍ତ ଗ୍ରାମବାସୀ। ପ୍ରଶାସନିକ ଅଧିକାରୀଙ୍କ ପାଦ ମଧ୍ୟ କ୍ୱଚିତ ପଡ଼େ ଏଠାରେ। ହେଲେ ମଙ୍ଗଳବାର ଦୃଶ୍ୟ ସାମାନ୍ୟ ନିଆରା ଥିଲା। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରାଙ୍କ ନେତୃତ୍ୱରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ପାଦରେ ଚାଲିଚାଲି ଗାଁରେ ପହଞ୍ଚିଥିଲେ। ଅଞ୍ଚଳକୁ ସବୁଦିନିଆ ରାସ୍ତା ନ ଥିବା ଏବଂ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନ ଥିବାରୁ ବିକାଶ ଅଟକିଛି। ଏହାର ସମାଧାନ ହେଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ। ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଗ୍ରାମବାସୀ କହିଥିଲେ। ଏହାର ସମାଧାନ ଲାଗି ମନ୍ତ୍ରୀ ଏବଂ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।



ମନ୍ତ୍ରୀ, ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଦୀର୍ଘଦିନ ପରେ ଅଞ୍ଚଳରେ ମନ୍ତ୍ରୀ, ବିଧାୟକ ଏବଂ ପଦସ୍ଥ ଅଧିକାରୀଙ୍କ ପାଦ ପଡ଼ିଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ଶତପଥୀ, ଇଂ. ମନୋରଞ୍ଜନ ବିଶ୍ୱାଳ, ସୁରେନ୍ଦ୍ର ବେହେରା, ଡିଇଓ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ମଙ୍ଗଳ ଅଧିକାରୀ ମାନସ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ରାଜସ୍ୱ ଅଧିକାରିଣୀ ଦୀପ୍ତିମୟୀ ବେହେରା, ସହକାରୀ କୃଷି ନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ପଲରୁ ସ୍ପଷ୍ଟ ହେଲାନି



ଶୁଭଶ୍ରୀ ସାହୁ

■ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣା

■ସୁଶାନ୍ତଙ୍କ ପରିବାରକୁ ମିଳିବ କ୍ଷତିପୂରଣ

**ପରଜଙ୍ଗ, ୧୧।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରୋଡ୍ ପଞ୍ଚାୟତ ବ୍ରାହ୍ମଣୀ ନଦୀରେ ଘଟିଥିବା ଦୁଃଖଦ ଡଙ୍ଗାବୁଡ଼ି ଘଟଣାର ୫ମାସ ପରେ ସୁଶାନ୍ତ ସାହୁଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ। ଏ ନେଇ ତହସିଲ ପ୍ରଶାସନକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ବାବଦ ଟଙ୍କା ସୁଶାନ୍ତଙ୍କ ସ୍ତ୍ରୀ ଶୁଭଶ୍ରୀଙ୍କୁ ପ୍ରଦାନ କରାଯିବ। ଡିଏନ୍‌ଏ ସାମ୍ପଲ ରିପୋର୍ଟରୁ କିଛି ସ୍ପଷ୍ଟ ସୂଚନା ମିଳୁ ନ ଥିବାରୁ ପ୍ରତିଶ୍ରୁତି ଅନୁଯାୟୀ ପ୍ରଶାସନ ଏହି କ୍ଷତିପୂରଣ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୭ ରାତି ପ୍ରାୟ ୮ଟାରେ ଖଡଗପ୍ରସାଦ ଘାଟରୁ ରୋଡ୍ ଘାଟକୁ ଉକ୍ତ ଡଙ୍ଗା ଆସୁଥିବା ବେଳେ ମଝି ନଈରେ ବୁଡ଼ିଯାଇଥିଲା। ଏଥିରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁଶାନ୍ତ ନିଖୋଜ ଥିଲେ। ଘଟଣାର କିଛିଦିନ ପରେ ଭୁବନ ବ୍ଲକ ଅଧୀନ ବ୍ରାହ୍ମଣୀ ନଦୀରୁ ମିଳିଥିବା ଏକ ମୃତଦେହକୁ ନେଇ ଅଡୁଆ ବଢ଼ିଥିଲା। ଉକ୍ତ ମୃତଦେହର ଦୁଇଜଣ ଦାବିଦାର ବାହାରିଥିଲେ। ଏହାପରେ ମୃତଦେହ କାହାର ତାହା ସ୍ପଷ୍ଟ କରିବାକୁ ପରିବାର ଲୋକଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ନ ଆସିବା ଯାଏ କ୍ଷତିପୂରଣ ମିଳିବ ନାହିଁ ପ୍ରଶାସନ ରୋକ୍‌ଠୋକ୍ ଶୁଣାଇଥିଲା। ଇତିମଧ୍ୟରେ ଡିଏନ୍‌ଏ ରିପୋର୍ଟ ସୁଶାନ୍ତଙ୍କ ପରିବାରର ହସ୍ତଗତ ହୋଇଛି। ସାମ୍ପୁଲରେ ପ୍ରକୃତ ମୃତଦେହ କାହାର ସ୍ପଷ୍ଟ ହୋଇପାରି ନ ଥିବା ଉଲ୍ଲେଖ ରହିଛି। ଏ ନେଇ ସୋମବାର ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଶୁଭଶ୍ରୀ। ଏ ନେଇ ଜିଲାପାଳ କୁହନ୍ତି, ସୁଶାନ୍ତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫାଇଲ ପଠାଇଲେ ଏହାକୁ ମଞ୍ଜୁର କରାଯିବ।

# ମନେପଡ଼ିଲେ ରାଧାନାଥ ରଥ




ରାଧାନାଥ ରଥଙ୍କ ସ୍ମୃତି ଦିବସରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୧।୨**

ଉଫୁନା ଅନୁଷ୍ଠାନ ଏବଂ ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଡ. ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୨୨ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଲେ, ରାଧାନାଥ ଥିଲେ ସାମ୍ବାଦିକତା ଜଗତର ପିତାମହ ଭୀଷ୍ମ। ସେ ଭାରତରତ୍ନ ପାଇବାକୁ ହକ୍‌ଦାର ବୋଲି ଦାବି କରିଥିଲେ। ମୁଖ୍ୟବକ୍ତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା କହିଲେ, ରାଧାନାଥ ବିଂଶ ଶତାବ୍ଦୀର ଶ୍ରେଷ୍ଠ ସାଧକ ଥିଲେ। ତାଙ୍କ ଲେଖା ସରକାରଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଉଥିଲା। ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ କହିଲେ, ରାଧାନାଥ ବହୁ ସାମ୍ବାଦିକ ଏବଂ ରାଜନେତାଙ୍କୁ ତିଆରି କରିଥିଲେ।

କାର୍ଯ୍ୟକ୍ରମରେ ଉଫୁନାର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମୁଖ୍ୟଯନ୍ତ୍ରୀ ଅକ୍ଷୟ ଶତପଥୀ, ପୂର୍ବତନ ଜିଲାଜଜ୍ ଦୁର୍ଗାଚରଣ ମିଶ୍ର, ପ୍ରଫେସର ଦିଲୀପ ନନ୍ଦ, କ୍ଷୀରୋଦ ନାୟକ, ପରେଶ ପଟ୍ଟନାୟକ, ଶିକ୍ଷାବିତ୍ ଦୈତାରୀ ପରିଡ଼ା, ସରୋଜ ଶତପଥୀ, ଉପେନ୍ଦ୍ର ରାଉତ, ଦେବୀପ୍ରସାଦ ମିଶ୍ର, ଅଧ୍ୟାପିକା ମୀରା ବେଉରା,କବି ବାହାଦୂର ପାଟସାହାଣୀ, ବ୍ରହ୍ମକୁମାରୀ ଉଷା, ଲଳିତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉଫୁନାର ମହାସଚିବ ଡ. ଦୀପାୟନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦିକା ବର୍ଷା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମଧୁଛନ୍ଦା ଷଡ଼ଙ୍ଗୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି, ଉମ୍ବରୁଧର ପରିଡ଼ା, ଧରଣୀଧର ମହାନ୍ତି, ଅବିନାଶ ଦାସ, ଉମ୍ବରୁଧର ପଣ୍ଡା, ପ୍ରସାଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆରୁହାବାଡରେ ୨ ବଖରା ଜଳିଗଲା

**ବାହାନଗା, ୧୧।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇବ୍ୟକ୍ତିଙ୍କ ଦୁଇବଖରା ଘର ଜଳିଯାଇଛି। ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି ୫ନଂ. ୱାର୍ଡ ମାଝି ସାହିର ନାଇଧର ମାଝିଙ୍କ ପୁଅ ଅଗଣା ମାଝି ଏବଂ ଚଗୁଲୁ ମାଝି। ବାହାନଗା ବ୍ଲକ ଷଠୀ ଦମକଳ କେନ୍ଦ୍ରର କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡଧରଣର ବିପଦ ଟଳିଯାଇଛି। ବିଧାୟକ ପର୍ଶୁରମ ଧଡା, ସ୍ଥାନୀୟ ସରପଞ୍ଚ ଶିଶିର ଅଗସ୍ତି, ଅଜୟ କୁମାର ପଣ୍ଡା ପ୍ରମୁଖ କ୍ଷତିଗ୍ରସ୍ତ ପରିବାରଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ଅଗ୍ନିବିପନ୍ନ କିପରି ସରକାରୀ ସହାୟତା ପାଇପାରିବେ ସେ ବାବଦରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଟ୍ୟାଙ୍କର ଧକ୍କାରେ ଯୁବକ ମୃତ



ମୃତକଙ୍କ ସମ୍ପର୍କୀୟମାନେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

■ଦେଖିପାରିଲେନି ଭଉଣୀ ବାହାଘର

■ଏନ୍‌ଏଚ୍‌ରେ ମୃତଦେହ ରଖି ପ୍ରତିବାଦ

**ଓଡ଼ାପଡ଼ା, ୧୧।୨(ଡି.ଏନ.ଏ.)**

ସମ୍ପର୍କୀୟ ଭଉଣୀଙ୍କ ବିବାହରେ ଯୋଗଦେବାକୁ ଖୁସି ମନରେ ବାହାରିଥିଲେ ଘରୁ। ବାକି ଥିଲା ଆଉ କେଇ ମିନିଟର ରାସ୍ତା। ହେଲେ ବିଧିର ବିଧାନ ଥିଲା କିଛିଅଲଗା। ବିବାହ ଭୋଜିରେ ପହଞ୍ଚିବା ଆଗରୁ ସମ୍ମୁଖ ପଟୁ ଧକ୍କାଦେଲା ଟ୍ୟାଙ୍କର। ଆଉ ଅଧୁରା ରହିଗଲା ଭଉଣୀ ବିବାହରେ ସାମିଲ ହେବାର ଅଭିଳାଷ। ମଙ୍ଗଳବାର ଏପରି ଏକ ଦୁଃଖଦ ଦୁର୍ଘଟଣା ଘଟିଛି ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ବିଆର୍‌ଜି ଛକ ନିକଟରେ। ମୃତକ ହେଲେ ଆଶିଷ କୁମାର ନନ୍ଦ (୨୧)। ତାଙ୍କ ଘର ଅନୁଗୋଳ ସହର ଶିକ୍ଷକପଡ଼ା ଅଞ୍ଚଳରେ।

ଆଶିଷ ବାଇକ୍‌ରେ ନିଜ ମାମୁଙ୍କ ଝିଅ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ଓଡ଼ାପଡ଼ା ବ୍ଲକ ଧଳପୁର ଗ୍ରାମକୁ ଆସୁଥିଲେ। ବିଆରଜି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଉକ୍ତ ଟ୍ୟାଙ୍କର (ଓଆର ୦୬ ଏଫ୍ ୭୫୯୭) ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ଆଶିଷଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପ୍ରଚାରିତ ହେବାପରେ ପରିବାର ସଦସ୍ୟ ଏବଂ ଅନ୍ୟ ସମ୍ପର୍କୀୟମାନେ ପହଞ୍ଚିଥିଲେ। ଘଟଣାକୁ ନେଇ ବେଶ୍ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ସେମାନେ ମୃତଦେହ ରଖି ଜାତୀୟ ରାଜପଥରେ ବସି ରହିଥିଲେ। ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନାଧିକାରୀ ନମିତା ନାୟକ ପ୍ରମୁଖ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଏ ନେଇ ନଂ. ୩୫/୨୦, ଦଫା ୨୭୯, ୩୩୭ ଓ ୩୦୪ (ଏ)ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

**କାମାକ୍ଷାନଗର, ୧୧।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ମଙ୍ଗଳବାର ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଅବସରପ୍ରାପ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ପାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା, ସହାୟତା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପସଭାପତି ରାମ କୁମାର ଆଚାର୍ଯ୍ୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସଦସ୍ୟଙ୍କୁ ପରିଚୟପତ୍ର, ରେଳ ଏବଂ ବସ୍ ଯାତ୍ରାରେ ରିହାତି ଦେବା ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସମ୍ପାଦକ ଯୁଗଳ ପରିଡ଼ା ଦାବି କରିଥିଲେ। ବୈଠକରେ ଉପଦେଷ୍ଟା ମାୟାଧର ପାଣି, ଦୁର୍ଗାଚରଣ ଭଞ୍ଜ, ଦୁଃଶାସନ ସାହୁ, ମାୟାଧର ସେନାପତି, ପ୍ରଫୁଲ୍ଲ ସାହୁ, ଲୋକନାଥ ସାହୁ, ସତ୍ୟାନନ୍ଦ ପାଣି, ବୀରବର ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ,ବାମଦେବ ଦାସ, ସତ୍ୟନାରାୟଣ ତ୍ରିପାଠୀ, ବାସୁଦେବ ଭଞ୍ଜ, ରବିନାରାୟଣ ସାହୁ, ବାଞ୍ଛାନିଧି ପରିଡ଼ାଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

# ତମାଖୁ ବର୍ଜନ ସଚେତନତା




ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୧।୨**

ଗଁଦିଆ ବ୍ଲକ ଷଡ଼ଙ୍ଗୀସ୍ଥିତ ଶ୍ରୀଧର ସ୍ୱାମୀ କଲେଜରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତମାଖୁ ବର୍ଜନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁମନ ନନ୍ଦ, ଆୟୁଷ ଡାକ୍ତର ଅରବିନ୍ଦ ଶତପଥୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ତମାଖୁ ସେବନର କୁପରିଣାମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ତମାଖୁ ବର୍ଜନ ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ସୌମ୍ୟରଞ୍ଜନ ଗୁରୁ, ଅବକାଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରାହ୍ମଣୀ ଛାତିରେ ମାଫିଆ ରାଜ୍

■ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ବାଲି ବ୍ୟବସାୟୀ

■ବଦଳାଇ ଦେଇଛନ୍ତି ଜଳସ୍ରୋତ ଦିଗ

■ନଦୀଗର୍ଭରେ ମୋରମ ରାସ୍ତା

**ପରଜଙ୍ଗ, ୧୧।୨(ଡି.ଏନ.ଏ.)**

ବ୍ରାହ୍ମଣୀ ଛାତିରେ ରାଜ୍ କରୁଛନ୍ତି ବାଲି ମାଫିଆ। ଏଥିପାଇଁ ନଦୀରେ ବନ୍ଧାଯାଇଛି ବାଲିବନ୍ଧ। ବଦଳାଯାଇଛି ଜଳସ୍ରୋତର ଦିଗ। ଦିନତମାମ ନଜର ଆଢୁଆଳରେ ରହି ଯୋଜନା ପ୍ରସ୍ତୁତ କରୁଛନ୍ତି ସେମାନେ। ଅପରାହ୍ନ ହେବା ମାତ୍ରକେ ଆରମ୍ଭ କରୁଛନ୍ତି ବାଲି ଚାଲାଣ। ନଦୀଶଯ୍ୟାର ଦୃଶ୍ୟ ଦେଖିଲେ ଯେ କେହି ବି ଠଉରାଇପାରିବ ବାଲି ମାଫିଆଙ୍କ କାରସାଦି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କୁଆଲୋ ରାଜସ୍ୱ ସର୍କଲ ଅଧୀନ ଖଲପାଳ-କୁଲେଇ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ ଶଯ୍ୟାରେ ଏପରି ବେଆଇନ କାରବାର ଚାଲିଛି। ସୁବିଧାରେ ବାଲି ଚାଲାଣ କରିବାକୁ ୧୪୯ନଂ. ଜାତୀୟ ରାଜପଥର ପରମହଂସପୁର ଛକ ନିକଟରୁ ନଦୀଗର୍ଭକୁ ଏକ ମୋରମ୍ ରାସ୍ତା ନିର୍ମାଣ କରାଯାଇଛି। ପ୍ରଶାସନର ଆଖିରେ ଧୂଳି ଦେବାକୁ ଦିନସାରା ବାଲି ଉଠା ଯାଉନାହିଁ। ହେଲେ ଅପରାହ୍ନ ହେବା ମାତ୍ରକେ ମେଶିନ ସହାୟତାରେ ଟିପ୍ପର, ହାଇୱାରେ ବାଲି ଲୋଡ୍ କରାଯାଉଛି। ଏପରି ବେଆଇନ ବାଲି ଚାଲାଣ କେବଳ କୁଆଲୋ ଆର୍‌ଆଇ ସର୍କଲ ମଧ୍ୟରେ ସୀମିତ ହୋଇ ରହିନାହିଁ। ସାଆନ୍ଦା ସର୍କଲର ପାଣିଗେଙ୍ଗୁଟିଆ, ବତାସିଂହ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରୁ ମଧ୍ୟ ସମାନ ଢଙ୍ଗରେ ବାଲି ଚାଲାଣ ହେଉଛି। ହେଲେ ଏଥିପ୍ରତି ବିଭାଗୀୟ ଅଧିକାରୀ ଆଖି ବୁଜିଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏ ନେଇ କୁଆଲୋ ଆର୍‌ଆଇ ଅପର୍ଣ୍ଣା ପ୍ରିୟଦର୍ଶିନୀ କୁହନ୍ତି, ଖାଲପାଲ ଘାଟର ଏଗ୍ରିମେଣ୍ଟ ହୋଇନାହିଁ। ଆଖପାଖ ଅଞ୍ଚଳର କାହାରିକୁ ବାଲି ଉଠାଇବା ଲାଗି ଅନୁମତି ଦିଆଯାଇନାହିଁ। ବାଲିଚାଲାଣ ସମ୍ପର୍କରେ କୌଣସି ସୂଚନା ନାହିଁ। ବୁଧବାର ଉକ୍ତ ଅଞ୍ଚଳକୁ ଯାଇ ତଦାରଖ କରିବେ। ତହସିଲଦାର ଜୟନ୍ତ କୁମାର ଜୟସିଂ କୁହନ୍ତି, ବାଲି ଚୋରା ଚାଲାଣ ହେଉଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ସେଠାରେ ଚଢ଼ାଉ କରାଯିବ।



ବାଲି ଚୋରା ଚାଲାଣ ପାଇଁ ନଦୀ ଭିତରେ ରାସ୍ତା ତିଆରି ହୋଇଛି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୪୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଗଣ୍ଡଗୋଳ, ଜଣେ ଗିରଫ

କଣିହାଁ,୧୧।୨(ଡି.ଏନ.ଏ.)-ଏକ ମୋବାଇଲକୁ ନେଇ ଗଣ୍ଡଗୋଳ ଘଟଣାରେ ମଙ୍ଗଳବାର ସମଲ ଥାନା ପୋଲିସ ମିଥୁନ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସମଲ ଥାନା ଆଇଆଇସି କହିଛନ୍ତି, ଗତ ସୋମବାର କୁଲେଇ ଗ୍ରାମର କାଳନ୍ଦି ସାମଲ ଓ ମିଥୁନ ମହାନ୍ତିଙ୍କ ମଧ୍ୟରେ ଏକ ଢାବାରେ ମୋବାଇଲକୁ ନେଇ ଗଣ୍ଡଗୋଳ ହୋଇଥିଲା। କାଳନ୍ଦୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଗଞ୍ଜେଇ ସହ ଯୁବକ ଗିରଫ

**ଅନୁଗୋଳ ଅଫିସ,୧୧।୨:** ଅନୁଗୋଳ ଷ୍ଟେଶନ ନିକଟରୁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଅଢ଼େଇ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଗିରଫ ଯୁବକଙ୍କ ଘର ବିହାର ଓ ତାଙ୍କ ନାମ ସୁରେନ୍ଦ୍ର ଚୌଧୁରୀ(୨୫) ବୋଲି ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍ଆଇ ପ୍ରକାଶ ଚନ୍ଦ୍ର ମାଝି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏହି ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୧୬୯/୨୦ରେ ମାମଲା ରୁଜୁ ପରେ ସୁରେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଛି। ସୁରେନ୍ଦ୍ର ଛେଣ୍ଡିପଦା ଅଞ୍ଚଳର ଏକ ଅଜଣା ଲୋକଠାରୁ ଗଞ୍ଜେଇ ଧରି ଅନୁଗୋଳ ଷ୍ଟେଶନ ଅଭିମୁଖେ ଯାଉଥିଲେ। ଅନୁଗୋଳ ଷ୍ଟେଶନରୁ ସେ ରାଉରକେଲା ଯାଇ ବିହାର ଅଭିମୁଖେ ଯାଇଥାନ୍ତେ।

# ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ୩୫୦ ସିସିଟିଭି

**ଅନୁଗୋଳ ଅଫିସ, ୧୧।୨**



- ବୋର୍ଡ ଦେଲା ଫ୍ଲାଇଙ୍ଗ ସ୍କ୍ୱାଡ୍ ସହ କେନ୍ଦ୍ରୀୟ ସ୍କ୍ୱାଡ୍
- ପ୍ରଶିକ୍ଷଣ ନେଇନାହାନ୍ତି ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ
- କିଏ କେଉଁ ବିଦ୍ୟାଳୟରେ ପରୀକ୍ଷକ ହେବେ ହୋଇନି ତାଲିକା

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ଚଳିତ ବର୍ଷ ଅନୁଗୋଳ ଜିଲାରେ ମୋଟ୍ ୧୭ ହଜାର ୪୯୨ ଜଣ ପରୀକ୍ଷାର୍ଥୀ ୮୫ଟି କେନ୍ଦ୍ରରେ ପରୀକ୍ଷା ଦେବେ। ତେବେ ୩୧ଟି ସମ୍ବେଦନଶୀଳ କେନ୍ଦ୍ରରେ ବୋର୍ଡ ନିର୍ଦ୍ଦେଶ ଅନୁସାରେ ୩୫୦ଟି ସିସିଟିଭି ଖଞ୍ଜାଯାଇଥିବା ବେଳେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଛାତ୍ରୀଛାତ୍ରଙ୍କୁ ଧରିବା ପାଇଁ ବୋର୍ଡ ପକ୍ଷରୁ ସେଣ୍ଟ୍ରାଲ ସ୍କ୍ୱାଡ୍ ସହ ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରାଯାଇଛି। କିନ୍ତୁ ଜିଲା ଶିକ୍ଷା ବିଭାଗ ଅଦ୍ୟାବଧି ନିଜସ୍ୱ ସ୍କ୍ୱାଡ୍ ଗଠନ କରି ନ ଥିବା ବେଳେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରି ନ ଥିବା ସୂଚନା ମିଳିଛି।

ଜିଲାରେ ଏହି ପରୀକ୍ଷାକୁ ସୁପରିଚାଳନା ସହ କିପରି ପରୀକ୍ଷା ସମୟରେ ସୁପରିଣ୍ଟେଣ୍ଡେଣ୍ଟମାନେ ନିଜର ଭୂମିକା ନିର୍ବାହ କରିବେ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯିବା କଥା। ହେଲେ ଅଦ୍ୟାବଧି ତାହା ଅନୁଗୋଳ ଜିଲାରେ ହୋଇ ନ ଥିବା ସୂଚନା ମିଳିଛି। ଏପରି କି ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗଠନ ହେବାକୁ ଥିବା ସ୍କ୍ୱାଡ୍ ମଧ୍ୟ ଅଦ୍ୟାବଧି ଗଢ଼ାଯାଇନାହିଁ। ଅନ୍ୟପକ୍ଷରେ ଜିଲାରେ କରାଯାଇଥିବା ୮ଟି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ସହ ଉତ୍ତରଖାତା ନିଆଯାଇ ପରୀକ୍ଷା ଦିନ ସକାଳ ୬ଟାରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯିବ। ଏ ନେଇ ପ୍ରତି ନୋଡାଲ ସେଣ୍ଟରରେ ଜଣେ ଲେଖାଏ ମାଜିଷ୍ଟ୍ରେଟ ଓ ପୋଲିସ ଦେବାକୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ଅଧିକାରୀମାନେ ପ୍ରଶ୍ନପତ୍ର ସହ ଉତ୍ତରଖାତାର ସିଲ୍ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି। ସେହିପରି ଅନୁଗୋଳ ଜିଲା ପାଇଁ ବୋର୍ଡ ପକ୍ଷରୁ ଜଣେ ଅଧାପକଙ୍କୁ ସେଣ୍ଟ୍ରାଲ ସ୍କ୍ୱାଡ୍ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସେହିପରି ଫ୍ଲାଇଙ୍ଗ ସ୍କ୍ୱାଡ୍ ଦାୟିତ୍ୱ ସାଉଥ ବଲଣ୍ଡା ମହାବିଦ୍ୟାଳର ଅଧାପକ ଅମରେନ୍ଦ୍ର ମିଶ୍ର ଓ କିଶୋରନଗର ମହାବିଦ୍ୟାଳୟର ଅଧାପକ ଦଧିବାବନ ପ୍ରଧାନଙ୍କୁ ବୋର୍ଡ ପକ୍ଷରୁ ପ୍ରଦାନ କରାଯାଇଛି। ତେବେ ଚଳିତ ସପ୍ତାହ ଶେଷ ଆଡ଼କୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯିବ। ସେହିପରି ବୋର୍ଡ ପକ୍ଷରୁ ୩୧ଟି କେନ୍ଦ୍ରକୁ ସମ୍ବେଦନଶୀଳ କେନ୍ଦ୍ର ଭାବେ ଘୋଷଣା କରାଯାଇ ସେଠାରେ ୩୫୦ଟି ସିସିଟିଭି ଲଗାଯିବା ପ୍ରକ୍ରିୟା ଜାରିରହିଛି। ପରୀକ୍ଷା କେନ୍ଦ୍ର ସହ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରେ ମଧ୍ୟ ସିସିଟିଭି ଲଗାଯିବାର ବ୍ୟବସ୍ଥା ରହିଛି। ଏ ନେଇ ଜିଲା ଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ବଦଳି ହୋଇଛି। ସେ ରିଲିଭ୍ ମଧ୍ୟ ହୋଇସାରିଛନ୍ତି। ତାଙ୍କ ସ୍ଥାନରେ ନୂତନ ଅଧିକାରୀ ଆସିବା ପରେ ଏସବୁ ପ୍ରକ୍ରିୟା ଶେଷ କରାଯିବ।

# ସ୍ୱାବଲମ୍ବିନୀ ପ୍ରକଳ୍ପ ଶୁଭାରମ୍ଭ



କାର୍ଯ୍ୟକ୍ରମରେ ବିଡିଓଙ୍କ ସମେତ ଅନ୍ୟ ଅତିଥିମାନେ।

**ବଇଣ୍ଡା,୧୧।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚି ସାପ୍ତାହିକ ହାଟ ପରିସରରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ୱାବଲମ୍ବିନୀ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ବ୍ଲକର ପ୍ରଗତି ସହାୟିକା ସୁଜତା ତ୍ରିପାଠୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅଜିତ କୁମାର ପ୍ରଧାନ, ନାକିଚି ସରପଞ୍ଚ ପ୍ରଶାନ୍ତ ଦିଆଣୀ, ଓଡ଼ିଶା ଜୀବିକା ଜୀବନର ସଂଯୋଜିକା ଅମ୍ବୁଜାବାଳା ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁ, ସରୋଜିନୀ ପ୍ରଧାନ, ଲିପିକା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସେମାନଙ୍କ ପରିଶ୍ରମରେ ଉତ୍ପାଦିତ ଦ୍ରବ୍ୟ ଆରିଶା ପୀଠା, ରାଶି ଲଡ୍ଡୁ, ଧୂପକାଠି, ବାଉଁଶ ତିଆରି ଜିନିଷ, କପଡ଼ା ବ୍ୟାଗ, ବଡ଼ି ତଥା ବିଭିନ୍ନ ପନିପରିବା ବିକ୍ରି କରାଯିବ। କିଭଳି ମହିଳାମାନେ ସଶକ୍ତୀକରଣ ହୋଇ ସେମାନଙ୍କ ଆର୍ଥିକ ପରିସ୍ଥିତି ଉନ୍ନତ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ଗ୍ରାମେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ତାଳଚେର,୧୧।୨(ନି.ପ୍ର.)**

ତାଳଚେର ବାଘୁଆବୋଲଠାରେ ଗ୍ରାମେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମେଶ୍ୱରୀ କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାକୁ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ୍ କଣିହାଁ ଟିମ୍ ଏବଂ ତାଳଚେର ଫ୍ରେଣ୍ଡସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ଫ୍ରେଣ୍ଡସ କ୍ଲବ ୮ ଉଇକେଟରେ ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ପ୍ରକାଶ ମହାରଣା, ଯଶୋବନ୍ତ ଦାସ, କାଳିନ୍ଦୀ ପ୍ରଧାନ, ନିରୋଜ ଦାସ, ଅଶୋକ ସାମନ୍ତ, ବାଲ୍ମୀକି ପ୍ରସାଦ କେଶରୀ, ଜ୍ଞାନେନ୍ଦ୍ରିୟ ସେଠୀ, ଅରବିନ୍ଦ ମିଶ୍ର, ଅମୂଲ୍ୟ ପ୍ରଧାନ, ଅକ୍ଷୟ ବିଶ୍ୱାଳ, ଦୀପକ ପ୍ରଧାନ, ବାବୁ ସାହୁ, ମାନଭଞ୍ଜନ ସାହୁ, ସତ୍ୟବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ୩ ମାସ ହେଲା ମିଳିନି ଦରମା

**ବନ୍ତ,୧୧।୨(ସ୍ୱ.ପ୍ର.)**

ଗତ ୩ ମାସ ହେଲା କୃଷି ବିଭାଗର ବ୍ଲକ ଅଧିକାରୀ ଓ କର୍ମଚାରୀମାନେ ଦରମା ନ ପାଇ ବହୁ ଅସୁବିଧା ଭୋଗୁଛନ୍ତି। ନିୟମିତ ଭାବେ କାର୍ଯ୍ୟରେ ଯୋଗ ଦେଉଥିବାବେଳେ ପ୍ରତି ମାସରେ ଦରମା ମିଳୁ ନ ଥିବାରୁ ସେମାନଙ୍କ ମନରେ କାମ କରିବାର ଉତ୍ସାହ କମି ଯାଉଥିବା ଜଣାପଡିଛି। ଧାମନଗର କୃଷି ଜିଲା ଅଧୀନ ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ଆଦି ୩ଟି ବ୍ଲକର କୃଷି ଅଧିକାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀମାନେ ବିଗତ ୩ ମାସ ହେଲା ଦରମା ପାଉନାହାନ୍ତି। ଜିଲାର ଅନ୍ୟ ୪ଟି ବ୍ଲକର କର୍ମଚାରୀମାନେ ଦରମା ପାଇ ସାରିଥିବାବେଳେ ଏହି ୩ଟି ବ୍ଲକର କର୍ମଚାରୀ ଦରମା ନ ପାଇବା ଜିଲା କାର୍ଯ୍ୟାଳୟର କାର୍ଯ୍ୟ ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କର୍ମଚାରୀମାନଙ୍କ ଦରମା ପାଇଁ ବିଲ୍ କରୁଥିବା ଅଧିକାରୀଙ୍କ କାର୍ଯ୍ୟରେ ମନ୍ଥରତା ଯୋଗୁ ଦରମା ମିଳିବାରେ ବିଳମ୍ବ ହେଉଥିବା ଜଣେ କର୍ମଚାରୀ କହିଛନ୍ତି। ଏନେଇ ଧାମନଗର ଜିଲା କୃଷି ଅଧିକାରୀ ପ୍ରସାଦ କୁମାର ନାଇକ କହିଛନ୍ତି, ନୂଆ କରି ଯୋଗ ଦେଇଛି। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ବଦଳି ଓ ଦରମା ପ୍ରସେସିଙ୍ଗରେ ବିଳମ୍ବ ଯୋଗୁ ଦରମା ମିଳିବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ଦରମା ପ୍ରଦାନ କରିବା ପାଇଁ ପ୍ରସେସିଙ୍ଗ ଚାଲିଛି ବୋଲି ସେ କହିଛନ୍ତି।

# ଉଦ୍ୟୋଗୀଙ୍କୁ ଋଣ ମଞ୍ଜୁର ପାଇଁ ପରାମର୍ଶ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୧୧।୨**

### ଏମ୍‌ଏସ୍‌ଏମ୍‌ଇ ସମ୍ପର୍କିତ ବୈଠକ

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ (ଲଘୁ, କ୍ଷୁଦ୍ର ଓ ମଧ୍ୟମ)ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଓ ପିଡି ଅତୁଲ୍ୟ କୁମାର ଚମ୍ପତିରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ଉପମହାପ୍ରବନ୍ଧକ ପ୍ରିୟରଞ୍ଜନ ଓ ସହାୟକ ପ୍ରବନ୍ଧକ ସୁନୀଲ କୁମାର ଦାଶ, ନାବାର୍ଡ ଜିଲା ଉନ୍ନୟନ ମ୍ୟାନେଜର ଶରତ କୁମାର ବେହେରା, ଜିଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଗଗନ ବିହାରୀ ନାୟକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ନିରୋଦ ଚନ୍ଦ୍ର ରାଉତ ଓ ଅଗ୍ରଣୀ ଜିଲା ମ୍ୟାନେଜର ମହେଶ୍ୱର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ସହରର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଋଣଗ୍ରହୀତାଙ୍କ ସହ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୁନୀଲ କୁମାର ଦାଶ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପମହାପ୍ରବନ୍ଧକ ପ୍ରିୟରଞ୍ଜନ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଋଣ ପ୍ରାପ୍ତିର ସୁବିଧା, ଉପାୟ ଯଥା ବନ୍ଧକମୁକ୍ତ ଋଣ, ଜିଏସ୍‌ଟି ପଞ୍ଜୀକରଣ, ଠିକ୍ ସମୟରେ ଋଣ ପରିଶୋଧ ଏବଂ ବ୍ୟବସାୟିକ ପ୍ରାପ୍ୟ ଆଦି ବିଷୟରେ ଆଲୋଚନା କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ଭାରତୀୟ ଅର୍ଥନୀତିରେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସୁଦୂରପ୍ରସାରୀ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଏହା ଅର୍ଥନୈତିକ ବୃଦ୍ଧିହାର ବଢ଼ାଇବା ସହିତ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ତେଣୁ ଉଦ୍ୟୋଗୀମାନଙ୍କୁ ଯଥାଶୀଘ୍ର ଋଣ ମଞ୍ଜୁର କରିବା ପାଇଁ ଜିଲାପାଳ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଥିଲେ। ଗଗନ ବିହାରୀ ନାୟକ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପଞ୍ଜୀକରଣ, ଋଣ ପ୍ରଦାନ ଏବଂ ସରକାରୀ ସହାୟତା ବିଷୟରେ ଆଲୋଚନା କରିଥିଲେ। ଅଗ୍ରଣୀ ଜିଲା କାର୍ଯ୍ୟାଳୟର ଆର୍ଥିକ ସାକ୍ଷରତା ଉପଦେଷ୍ଟା ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ବଟିକା ଖାଇ ଛାତ୍ରୀଛାତ୍ର ଅସୁସ୍ଥ

**ମାଧପୁର,୧୧।୨**

ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ଡୁଡୁମ ସ୍କୁଲରେ ମଙ୍ଗଳବାର ଫାଇଲେରିଆ ଏବଂ କୃମିନାଶକ ବଟିକା ଖାଇ ପ୍ରାୟ ୧୦ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ଘଟଣାରୁ ଜଣାପଡ଼ିଛି, ସ୍କୁଲରେ ଫାଇଲେରିଆ ଏବଂ କୃମିନାଶକ ଔଷଧ ବଣ୍ଟନ କରାଯାଇଥିଲା। ସ୍କୁଲରୁ ଘରକୁ ଫେରିବା ପରେ କିଛି ପିଲା ଅସୁସ୍ଥତା ଅନୁଭବ କରିଥିଲେ। ଖବରପାଇ ସନ୍ଧ୍ୟା ୭ଟାରେ ସ୍ଥାନୀୟ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ରାହୁଲ ଗର୍ଗ, ଆୟୁଷ ଡାକ୍ତର ଅତନୁ ପଟ୍ଟନାୟକ ଟିମ୍ ସହିତ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ସୂଚନା ମିଳିଛି।

# ଯୁବଶକ୍ତି ଆମ ସମ୍ବଳ

**ସାତମାଇଲ, ୧୧।୨(ଡି.ଏନ.ଏ.)**

### ହିନ୍ଦୋଳ କଲେଜର ବାର୍ଷିକ ଉତ୍ସବ

ଢେଙ୍କାନାଳ ଜିଲା ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜର ୪୨ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଅସିତ କୁମାର ଜେନାମଣିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ କହିଲେ, ଗୁଣାତ୍ମକ ଶିକ୍ଷା ବିକାଶର ଅସଲ ମାନଦଣ୍ଡ। ଯୁବଶକ୍ତି ହେଉଛନ୍ତି ପ୍ରକୃତ ସମ୍ବଳ। ଛାତ୍ରୀଛାତ୍ର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ଅନବରତ ଉଦ୍ୟମ କଲେ ସବୁକ୍ଷେତ୍ରରେ ସଫଳ ହୋଇପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଉପଜିଲାପାଳ ଉଦୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଅଧ୍ୟାପକ ଦିଲୀପ ଗଡନାୟକ, ଜୟନ୍ତ ନାରାୟଣ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତେ ସହଯୋଗର ହାତ ବଢ଼ାଇଲେ ଶିକ୍ଷାନୁଷ୍ଠାନର ଉନ୍ନତି ସମ୍ଭବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ କଲେଜ ବାର୍ଷିକ ପତ୍ରିକା 'ଶାମୁକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଛାତ୍ରୀ ରାଜଲକ୍ଷ୍ମୀ ପଟ୍ଟନାୟକ ଦେଶାତ୍ମକବୋଧ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ। ପୂର୍ବରୁ ଅନୁଷ୍ଠିତ ସ୍ପୋର୍ଟସ, କୁଇଜ ସମେତ ଅନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପିକା ନିବେଦିତା ଦାସଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ ପତ୍ରିକା 'ଶାମୁକା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ସଚେତନତା ହିଁ ନିୟନ୍ତ୍ରଣରେ ସହାୟକ ହେବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ଅନୁଗୋଳ ଅଫିସ, ୧୧।୨**

### ବାୟୁ ପ୍ରଦୂଷଣ ସଚେତନତା କର୍ମଶାଳା

ଦେଶର ୧୦୨ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ଅନୁଗୋଳ ଅନ୍ୟତମ। ଓଡ଼ିଶାରେ ଅନୁଗୋଳ ସମେତ ୭ଟି ସହର ଏହି ସର୍ବାଧିକ ପ୍ରଦୂଷିତ ବା ନନ-ଆଟେନ୍‌ମେଣ୍ଟ ତାଲିକାରେ ଅନ୍ତର୍ଭୁକ୍ତ। କଳକାରଖାନାରୁ ନିର୍ଗତ ଧୂଆଁ, କୋଇଲା ଖଣି, ରାସ୍ତା ଧୂଳି ଓ ଯାନବାହନ ସହ ବିଭିନ୍ନ ନିର୍ମାଣ କାର୍ଯ୍ୟ ସମୟରେ ନିର୍ଗତ ହେଉଥିବା ଧୂଳି ଓ ଧୂଆଁ ଏହି ବାୟୁ ପ୍ରଦୂଷଣର ମୁଖ୍ୟ କାରଣ। ଏହା ଅନୁଗୋଳବାସୀଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ଶିଳାନୁଷ୍ଠାନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜନସାଧାରଣ ସମସ୍ତେ ମିଳିତ ଭାବେ ଏହାର ସମାଧାନ ପାଇଁ ଆଗେଇ ଆସିବାକୁ ଅନୁଗୋଳସ୍ଥିତ ନାଲ୍‌କୋ ସଭାଗୃହରେ ଅନୁଷ୍ଠିତ ସଚେତନତା ଶିବିରରେ ବକ୍ତାମାନେ ଆହ୍ୱାନ ଦେଇଛନ୍ତି।

'ନନ-ଆଟେନମେଣ୍ଟ ସହର ଗୁଡିକରେ ବାୟୁ ପ୍ରଦୂଷଣ କମାଇବାରେ ସହାୟକ ହେବକି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ଅନୁଗୋଳସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟକାଳୟର ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ କହିଥିଲେ ଯେ, ବାୟୁ ପ୍ରଦୂଷଣ ରୋକିବା ପାଇଁ ବୋର୍ଡ, ଶିଳ୍ପାନୁଷ୍ଠାନ, ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଏପରି କର୍ମଶାଳା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ। ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ ସହଯୋଗୀ ପ୍ରଫେସର ସମ୍ବିତ ପାଲ କହିଥିଲେ, ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ସମ୍ପର୍କିତ ଖର୍ଚ୍ଚ ବଢାଇବା ସହ କାର୍ଯ୍ୟଦକ୍ଷତା ହ୍ରାସ କରିଥାଏ। ଦେଶରେ ଜିଡିପିର ପ୍ରାୟ ୪ ପ୍ରତିଶତ ବାୟୁ ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚ ହେଉଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଇକୋଲୋଜିକାଲ ସିକ୍ୟୁରିଟିର ଅନୁଗୋଳ ଟିମ୍ ଲିଡର ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀ କହିଥିଲେ, ଗତ ଦୁଇ ବର୍ଷରେ ଅନୁଗୋଳରେ ଦୁଇଚକିଆ ଯାନ ସଂଖ୍ୟା ୧୫୭ ପ୍ରତିଶତ ବୃଦ୍ଧି ପାଇଛି। ଶିଳ୍ପାନୁଷ୍ଠାନ ସହ ଯାନବାହନ ଜନିତ ବାୟୁ ପ୍ରଦୂଷଣ ଅନୁଗୋଳ ସହରର ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ଯନ୍ତ୍ରୀ ଶୁଭଦର୍ଶିନୀ ଦାସ, ଏନର୍ଜି ପଲିସି ଇନଷ୍ଟିଚ୍ୟୁଟର ଜ୍ୟୋତି ରଞ୍ଜନ ନାୟକ, ଆଇଏମ୍‌ଏର ଯୁଗ୍ମ ସମ୍ପାଦକ ଡାକ୍ତର ସୌମ୍ୟକାନ୍ତ ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନାଲ୍‌କୋ ନଗର ଅନୁଗୋଳର ଛାତ୍ରୀଛାତ୍ର, ପରିବେଶ ଯନ୍ତ୍ରୀ ରାକେଶ ମହାନ୍ତି, ସୌମେନ୍ଦ୍ରନାଥ ମହାନ୍ତି, ଚନ୍ଦ୍ରଶେଖର ଚୌହାନ, ରଶ୍ମିରେଖା ପ୍ରଧାନ, ସଞ୍ଜୟ ଭୋଇ, କୁଲୁ ସାହୁ, ବାପି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚିକାଗୋସ୍ଥିତ ଏନର୍ଜି ପଲିସି ଇନଷ୍ଟିଚ୍ୟୁଟର କମ୍ୟୁନିକେଶନ ଓ ଆଉଟରିଚ ସଂଯୋଜକ ପରଂବ୍ରହ୍ମ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।




# ବ୍ୟାଙ୍କର୍ସଙ୍କୁ ଯତ୍ନଶୀଳ ହେବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧୧।୨**



ବୈଠକରେ ଅତିରିକ୍ତ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲାର ପିଏମ୍ କିଷାନ କ୍ରେଡିଟ୍ କାର୍ଡ ହିତାଧିକାରୀଙ୍କୁ ସଚେତନ କରାଇବା ଲାଗି ଫେବୃୟାରୀ ୮ରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ଏହା ୧୫ ତାରିଖ ଯାଏ ଚାଲିବ। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଏ ସମ୍ପର୍କରେ ଗଣମାଧ୍ୟମକୁ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଚାଷୀଙ୍କୁ କାର୍ଡର ଲାଭ ଉଠାଇବା ଏବଂ ଏଥିରେ ବ୍ୟାଙ୍କର୍ସମାନେ ଯତ୍ନଶୀଳ ହେବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଛନ୍ତି।

ରିହାତି ଋଣ ପାଇଁ ପିଏମ୍ କିଷାନ ଯୋଜନାର ହିତାଧିକାରୀମାନେ ଖାତା ଖୋଲିଥିବା ବ୍ୟାଙ୍କ ସହିତ ଯୋଗାଯୋଗ କରିପାରିବେ। ନିଷ୍କ୍ରିୟ ହୋଇପଡ଼ିଥିବା ଖାତାକୁ ପୁନର୍ବାର ସକ୍ରିୟ କରାଯାଇପାରିବ। କେସିସି ସେବା ନ ଥିବା ହିତାଧିକାରୀ ନିଜ ଫସଲ ବିବରଣୀ ଏବଂ ଜମି ରେକର୍ଡ ଆଣି ବ୍ୟାଙ୍କ ଶାଖା ସହିତ ସମ୍ପର୍କ କରିପାରିବେ। କେସିସି ଥିବା ଚାଷୀମାନେ ପଶୁପାଳନ ଏବଂ ମତ୍ସ୍ୟଚାଷ ସମୟ ସୀମା ବୃଦ୍ଧି କରିପାରିବେ। ପିଏମ୍ କିଷାନ ଉପଭୋକ୍ତା ଜମି ରେକର୍ଡ ଓ ଫସଲ ବିବରଣୀ ସହ ଏକପୃଷ୍ଠା ବିଶିଷ୍ଟ ସରଳ ଫର୍ମ ପୂରଣ କରିବେ। ଉକ୍ତ ଫର୍ମ ବିଭାଗୀୟ ୱେବ୍‌ସାଇଟ୍ www.agricoop.gov.in ଏବଂ ପିଏମ କିଷାନ ପୋର୍ଟାଲ www.pmkisan.gov.inରେ ଉପଲବ୍ଧ। କମନ ସର୍ଭିସ ସେଣ୍ଟର ମାଧ୍ୟମରେ ମଧ୍ୟ ସହଜରେ ଫର୍ମ ପୂରଣ କରାଯାଇପାରୁଛି। ଜିଲାରେ ୮୯ହଜାର ୬୬୩ଜଣ ପିଏମ୍ କିଷାନ ହିତାଧିକାରୀ ଅଛନ୍ତି। ସମସ୍ତେ ଯୋଜନାର ଲାଭ ଉଠାଇବାକୁ ଅତିରିକ୍ତ ଜିଲାପାଳ ଆହ୍ୱାନ ଦେଇଛନ୍ତି। ବୈଠକରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ବିଶ୍ୱନାଥ ପଟ୍ଟନାୟକ, ନାବାର୍ଡ ଡିଡିଏମ୍ ଡ. ଜ୍ଞାନେନ୍ଦ୍ର ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ ରାଉତ, ବିଭିନ୍ନ ବ୍ୟାଙ୍କ ପରିଚାଳକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

- ପିଏମ୍ କିଷାନ ସ୍ୱତନ୍ତ୍ର ସଚେତନତା ଅଭିଯାନ
- ଜିଲାରେ ୮୯,୬୬୩ ହିତାଧିକାରୀ

## ଶିକ୍ଷକଙ୍କୁ ହତ୍ୟା: ବାପ,ପୁଅ ଗିରଫ

**ରାଇରଙ୍ଗପୁର,୧୧।୨(ଡି.ଏନ୍.ଏ.)**

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ଶିକ୍ଷକଙ୍କୁ ସୋମବାର ସନ୍ଧ୍ୟାରେ ହତ୍ୟା କରାଯାଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଡୁମୁରିଆ ଥାନା ଅନ୍ତର୍ଗତ ଲୁପୁଙ୍ଗଡ଼ିହି ଗ୍ରାମର ଶୁକଦେବ ମାରାଣ୍ଡି (୪୫)। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଜାମବଣି ଗ୍ରାମର ମଦନ ମୁର୍ମୁ ଏବଂ ତାଙ୍କ ପୁଅ ଲାଲମୋହନ ମୁର୍ମୁଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ.୬/୨୦) ରୁଜୁ କରାଯାଇଛି। ଶୁକଦେବ ସ୍ଥାନୀୟ ଏକ ପ୍ରାଇମେରି ସ୍କୁଲରେ ଶିକ୍ଷକତା କରୁଥିଲେ। ଜାମବଣି ଗ୍ରାମ ରାସ୍ତାପାର୍ଶ୍ୱ ବିଲରେ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଜମିବାଡ଼ି ବିବାଦକୁ ନେଇ ଶୁକଦେବଙ୍କୁ ହତ୍ୟା କରାଯାଇଛି। ବୁଧବାର ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ।

# 'ଏକାଗ୍ରତା ସଫଳତା ଆଣିଦେବ'

**ଢେଙ୍କାନାଳ ଅଫିସ, ୧୧।୨**



ଜଣେ କୃତୀ ଛାତ୍ରୀଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ମଧ୍ୟାହ୍ନରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ମାତାପିତାଙ୍କ ସ୍ୱପ୍ନ ସାକାର କରିପାରିଲେ ମଣିଷ ଜନ୍ମର ପୂର୍ଣ୍ଣତା ମିଳେ। ଏକାଗ୍ରତା ସଫଳତା ଆଣିଦେବ। ଧୈର୍ଯ୍ୟ ଏବଂ ସଂଯମତା ରହିଲେ ଜଣେ ଭଲ ମଣିଷ ହେବା ସହିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ ଜୟନ୍ତ ବିଶ୍ୱାଳ କହିଲେ, କଲେଜର ସବୁଜିମାଭରା ପରିବେଶ ଅତ୍ୟନ୍ତ ସୁନ୍ଦର। ଛାତ୍ରୀଛାତ୍ରମାନେ ଏହାର ସଦୁପଯୋଗ କରିବା ଆବଶ୍ୟକ। ବ୍ୟଙ୍ଗ କବି ଜ୍ଞାନ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ମାତୃଶକ୍ତି ଚିର ନମସ୍ୟ। ମା'କୁ ଭଲପାଇଲେ ଜୀବନ ସାର୍ଥକ ହେବ। କଲେଜର ଅଧ୍ୟକ୍ଷ ଡ. ରଶ୍ମି ମିଶ୍ର ସମାରୋହରେ ଅଧ୍ୟକ୍ଷତା କରିବା ସହ, ଶିକ୍ଷାନୁଷ୍ଠାନରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଅଧ୍ୟାପକ ଦେବାଶିଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଦିଲ୍ଲୀ ଆର୍‌ଡିସି ପରେଡ୍‌ରେ ଭାଗ ନେଇଥିବା କଲେଜର ୨ଏନ୍‌ସିସି କ୍ୟାଡେଟ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍‌ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.
ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 9437578295. ଛେଣ୍ଡିପଦା : ତାରା ମୋଟର୍ସ - 9437031859. କାମାକ୍ଷାନଗର: ରିଲାଏବ୍ଲ ଅଟୋମୋବାଇଲ୍‌ସ - 9938711223.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ